## କ୍ବାରେଣ୍ଟାଇନ୍‌ରେ ପାକିସ୍ତାନ କ୍ରିକେଟ୍ ଟିମ୍: ସିରିଜ୍ ନେଇ ଅଧିନାୟକ ଆଝାରଙ୍କ ମତ

# ଇଂଲଣ୍ଡ ଟପ୍ ଅର୍ଡରର ଟାର୍ଗେଟ୍

ଲଣ୍ଡନ,୨୯/୬/ଏଜେନ୍ସି: ଇଂଲଣ୍ଡ ସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଓ ଟି-୨୦ ସିରିଜ୍ ଖେଳିବାକୁ ପାକିସ୍ତାନ କ୍ରିକେଟ ଟିମ୍ ସୋମବାର ଏଠାରେ ପହଞ୍ଚିଛି। ୧୮ ଜଣ ଖେଳାଳି ଓ ୧୧ ଜଣ ସପୋର୍ଟ ଷ୍ଟାଫ୍‌କୁ ନେଇ ଏକ ସ୍ୱତନ୍ତ୍ର ବିମାନ ଏଠାରେ ପହଞ୍ଚିବା ପରେ ସେମାନଙ୍କର କୋଭିଡ୍ ଟେଷ୍ଟ କରାଯିବା ସହ ସେମାନଙ୍କୁ ୱର୍ସେଷ୍ଟରଶାୟର୍ ଅଭିମୁଖେ ଯିବାକୁ ଅନୁମତି ମିଳିଛି। ସୋମବାର ସେଠାରେ ପାକିସ୍ତାନ ଟିମ୍‌ର ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଟେବଲ୍ ଟେନିସ୍, ବିଲିୟର୍ଡ୍‌ସ ଓ ଅନ୍ୟାନ୍ୟ ଇନଡୋର୍ ଗେମ୍ସରେ ନିଜକୁ ବ୍ୟସ୍ତ ରଖିଛନ୍ତି। ପାକିସ୍ତାନୀ ଖେଳାଳିମାନେ ୱର୍ସେଷ୍ଟର୍‌ଠାରେ ୧୪ ଦିନ ଧରି କ୍ବାରେଣ୍ଟାଇନ୍‌ରେ ରହିବା ପରେ ସେମାନଙ୍କୁ ଅଭ୍ୟାସ ଲାଗି ଅନୁମତି ମିଳିବ ଓ ପରେ ପୁଣିଥରେ ସେମାନଙ୍କର କୋଭିଡ ଟେଷ୍ଟ କରାଯିବ। ଟେଷ୍ଟ ରିପୋର୍ଟ ନେଗେଟିଭ୍ ହେଲେ, ସେମାନେ ଜୁଲାଇ ୧୩ରେ ଡର୍ବିଶାୟର ଯାଇ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତି କରିବେ। ସିରିଜ୍ ଆରମ୍ଭ ପୂର୍ବରୁ ସେମାନଙ୍କର ଆଉଥରେ କୋଭିଡ୍ ଟେଷ୍ଟ କରାଯିବ ଓ ଏଥିରେ ରିପୋର୍ଟ ନେଗେଟିଭ୍ ଆସିଲେ ହିଁ ସେମାନଙ୍କୁ ଖେଳିବାକୁ ସୁଯୋଗ ଦିଆଯିବ ବୋଲି ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ କୁହାଯାଇଛି। ଖେଳାଳିମାନେ ବିମାନରୁ ଓହ୍ଲାଇବା ପରେ ସାମାଜିକ ଦୂରତା ବଜାୟ ରଖିବା ସହ କୋଭିଡ ନିୟମ ପାଳନ କରିଥିବା ଦେଖାଯାଇଥିଲା।



କ୍ୟାପ୍‌ସନ୍- ୱର୍ସେଷ୍ଟରଶାୟର୍‌ଠାରେ ବିଲିୟାର୍ଡ୍ସ ଖେଳୁଛନ୍ତି ପାକିସ୍ତାନୀ ଖେଳାଳି

ଆଝାର ଅଲ୍ଲୀଙ୍କ ନେତୃତ୍ୱରେ ଗଠିତ ଟେଷ୍ଟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲର୍ଡ୍ସରେ ଆସନ୍ତା ଜୁଲାଇ ୩୦ରୁ ଆରମ୍ଭ ହେବ। ପ୍ରଥମ ଟେଷ୍ଟ ଅଗଷ୍ଟ ୩ରେ ଶେଷ ହେବ। ଏହାପରେ ଅଗଷ୍ଟ ୭ରୁ ୧୧ ଯାଏ ଦ୍ୱିତୀୟ, ଅଗଷ୍ଟ ୨୦ରୁ ୨୪ ଯାଏ ତୃତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହାପରେ ବାବର ଆଜମ ପାକିସ୍ତାନ ଟି-୨୦ ଦଳର ନେତୃତ୍ୱ ନେବେ। ଦୁଇ ଦେଶ ମଧ୍ୟରେ ଟି-୨୦ ମୁକାବିଲାଗୁଡିକ ଅଗଷ୍ଟ ୨୯, ୩୧ ଓ ସେପ୍ଟେମ୍ବର ୨ରେ ଖେଳାଯିବ। ସିରିଜ୍‌ର ସମସ୍ତ ୬ଟିଯାକ ମୁକାବିଲା କରୋନା ସଂକ୍ରମଣ ଆଶଙ୍କା ପରିପ୍ରେକ୍ଷୀରେ ବିନା ଦର୍ଶକରେ ଖେଳାଯିବ।



ବିମାନବନ୍ଦରରେ ଆଝାର

ଲଣ୍ଡନରେ ପହଞ୍ଚିବା ପରେ ପାକିସ୍ତାନ ଅଧିନାୟକ ଆଝାର ଅଲ୍ଲୀ କହିଛନ୍ତି, ଟେଷ୍ଟ ସିରିଜ୍‌ରେ ଆମେ ଇଂଲଣ୍ଡର ଟପ୍ ଅର୍ଡର ବ୍ୟାଟିଂକୁ ଟାର୍ଗେଟ କରିବୁ। ଆଲିଷ୍ଟର କୁକ୍ ୨୦୧୮ରେ ଅବସର ନେବା ପରେ ଇଂଲଣ୍ଡର ଟପ୍ ଅର୍ଡର ସଫଳ ହୋଇ ନାହିଁ। ଆମେ ଏଥିରୁ ଫାଇଦା ଉଠାଇବୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ କୁକ୍‌ଙ୍କ ପରେ ଟପ୍ ଅର୍ଡରରେ ଇଂଲଣ୍ଡ ୬ ଯୋଡି ଖେଳାଳିଙ୍କୁ ବ୍ୟବହାର କରିସାରିଛି। ସେମାନଙ୍କ ମଧ୍ୟରୁ କେବଳ ରୋରି ବର୍ଣ୍ଣସ କିଛିଟା ଦକ୍ଷତା ପ୍ରଦର୍ଶନ କରିବାରେ ସମର୍ଥ ହୋଇଛନ୍ତି। କିନ୍ତୁ ବୋଲିଂରେ ସେମାନେ ଘରୋଇ ମାଟିରେ ଘାତକ ସାବ୍ୟସ୍ତ ହୋଇଥାନ୍ତି। ଏବେ ଦଳରେ ଥିବା ବୋଲରଙ୍କ ମଧ୍ୟରୁ ଜୋଫ୍ରା ଆର୍ଚରଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତଙ୍କ ବିପକ୍ଷରେ ଆମେ ଖେଳିଛୁ ଓ ସେମାନଙ୍କୁ ପରାସ୍ତ କରିଛୁ। କିନ୍ତୁ ଇଂଲଣ୍ଡ ତୁଳନାରେ ଆମ ବୋଲିଂରେ ଅଭିଜ୍ଞତା ନାହିଁ। ନସୀମ ଶାହ ଓ ସାହୀନ୍ ଆଫ୍ରିଦୀଙ୍କ ପେସ୍ ଇଂଲଣ୍ଡ ପରିବେଶରେ ବେଶ୍ ଘାତକ ସାବ୍ୟସ୍ତ ହୋଇପାରେ। ଏହା ବ୍ୟତୀତ ଆମ ବୋଲିଂ କୋଚ୍ ବେଶ ଅଭିଜ୍ଞ। ୱାକର ୟୁନୁସ୍ ଓ ମୁସ୍ତାକ ମହମ୍ମଦ୍‌ଙ୍କର ଇଂଲଣ୍ଡରେ ଖେଳିବାର ବେଶ ଅଭିଜ୍ଞତା ରହିଛି। ଏଥିରୁ ଯୁବ ଖେଳାଳି ମାନେ ବେଶ୍ ଲାଭ ଉଠାଇବେ ବୋଲି ଆଝାର କହିଛନ୍ତି। ଏହି ସିରିଜ୍ ପୂର୍ବରୁ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ସହ ଏକ ପୂର୍ଣ୍ଣାଙ୍ଗ ଟେଷ୍ଟ ସିରିଜ୍ ଇଂଲଣ୍ଡ ଖେଳିବାର କାର୍ଯ୍ୟକ୍ରମ ରହିଛି। ଜୁଲାଇ ୨୩ରେ ପାକିସ୍ତାନ ତାହାର ପ୍ରଥମ ଅଭ୍ୟାସ ମ୍ୟାଚ୍ ସିଲେକ୍ଟେଡ୍ ଇଂଲଣ୍ଡ ଟିମ୍ ସହ ଖେଳିବ।

ନିତିଦିନ NITIDIN Tue, Jun 30, 2020
http://odishanewsnitidin.com